# NATIONAL NEWS BULLETIN (ODIA)
## 8 November - 2024
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ମହାରାଷ୍ଟ୍ର ଓ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ଲାଗି ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରଚାର ସରଗରମ ।
- ଦେଶରେ ଜନଜାତି ବର୍ଗ ଲୋକଙ୍କ କଲ୍ୟାଣ ଲାଗି ଚଳିତ ଆର୍ଥିକ ବର୍ଷରେ ଖର୍ଚ୍ଚ କରାଯିବ ସାଢ଼େ ତିନି ଲକ୍ଷ କୋଟି ଟଙ୍କା କହିଲେ, କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ।
- ବିଶ୍ୱ ଭୂ-ରାଜନୈତିକ ସ୍ଥିତି ପରିପ୍ରେକ୍ଷୀରେ ଯେକୌଣସି ପ୍ରତିକୂଳ ପରିସ୍ଥିତିର ଉଚିତ୍ ମୁକାବିଲା କରିବା ଦିଗରେ ସର୍ବଦା ପ୍ରସ୍ତୁତ ରହିବାକୁ ଭାରତୀୟ ସେନାକୁ ପରାମର୍ଶ ଦେଲେ ଦେଶର ସ୍ଥଳ ସେନାଧ୍ୟକ୍ଷ ।
- କୋରିଆ ମାଷ୍ଟର୍ସ୍ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ୍‌ରେ ପ୍ରବେଶ କଲେ ଭାରତର କିରନ୍ ଜର୍ଜ୍ ।

ଏବଂ

- ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ହେବାକୁ ଥିବା ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ କ୍ରିକେଟ୍ ଶୃଙ୍ଖଳାର ପ୍ରଥମ ମ୍ୟାଚ୍ ଆଜି ରାତି ସାଢ଼େ ୮ଟାରେ ଖେଳାଯିବ କିଙ୍ଗସ୍ ମିଡ୍‌ଠାରେ ।

## ମହାରାଷ୍ଟ୍ର-ବିଧାନସଭା ନିର୍ବାଚନ

ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଲାଗି ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ନିଜ ନିଜ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ସେଠାରେ ପ୍ରଚାର କାର୍ଯ୍ୟ ସରଗରମ ହୋଇଛି । ମହାରାଷ୍ଟ୍ରରେ ଆସନ୍ତା ୨୦ ତାରିଖ ଦିନ ସମସ୍ତ ୨୮୮ଟି ବିଧାନସଭା ଆସନ ଲାଗି ନିର୍ବାଚନ ଅନୁଷ୍ଠିତ ହେବ । ୨୩ ତାରିଖ ଦିନ ଭୋଟ ଗଣତି ହେବ । ଏଥିନିମନ୍ତେ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ସେଠାରେ ରୋଡ୍ ଶୋ' ଓ ନିର୍ବାଚନୀ ର୍‍ୟାଲି କରି ଜନସାଧାରଣଙ୍କୁ ନିଜ ଆଡ଼କୁ ଆକୃଷ୍ଟ କରୁଥିବାର ଦେଖିବାକୁ ମିଳୁଛି ।

ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ମହାରାଷ୍ଟ୍ର ଗସ୍ତ କରି ଧୁଲେ ଓ ନାଶିକ୍ ଠାରେ ଦୁଇଟି ପୃଥକ ପୃଥକ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେଇଛନ୍ତି । ନାଶିକ୍ ଠାରେ ଅନୁଷ୍ଠିତ ସାଧାରଣ ସଭାରେ ଉଦ୍‌ବୋଧନ ଦେଇ ଶ୍ରୀ ମୋଦୀ କହିଛନ୍ତି, ଉଜ୍ଜ୍ୱଳା ଯୋଜନା ଅଧୀନରେ ରାଜ୍ୟର ୫୦ ଲକ୍ଷରୁ ଉର୍ଦ୍ଧ୍ୱ ମହିଳା ମାଗଣାରେ

ଏଲ୍.ପି.ଜି. ସଂଯୋଗ ପାଇଛନ୍ତି । ଏତଦ୍‌ବ୍ୟତୀତ ହର୍ ଘର୍ ଜଲ୍ ଯୋଜନା ଅଧୀନରେ ଏକ କୋଟି ୨୫ ଲକ୍ଷରୁ ଊର୍ଦ୍ଧ୍ୱ ଘରକୁ ପାଇପ୍ ଯୋଗେ ଜଳ ଯୋଗାଇ ଦିଆଯାଇଛି ।

ସେହିଭଳି ପି.ଏମ୍. ଆୱାସ୍ ଯୋଜନା ଅଧୀନରେ ରାଜ୍ୟର ୭ଲକ୍ଷରୁ ଊର୍ଦ୍ଧ୍ୱ ପକ୍କା ଘର ନିର୍ମିତ ହୋଇଥିବା ବେଳେ ୭ କୋଟିରୁ ଊର୍ଦ୍ଧ୍ୱ ଅବହେଳିତ ବର୍ଗର ଲୋକଙ୍କୁ ମାଗଣା ରାସନ ସାମଗ୍ରୀ ଯୋଗାଇ ଦିଆଯାଉଛି ବୋଲି ସେ କହିଛନ୍ତି ।

ମହାରାଷ୍ଟ୍ରରେ କୃଷକମାନଙ୍କର ସାମଗ୍ରୀକ ବିକାଶ ଦିଗରେ କେନ୍ଦ୍ର ସରକାର ଏବଂ ରାଜ୍ୟର ମହାୟୁତି ସରକାରଙ୍କ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ଉପରେ ଆଲୋକପାତ କରି ଶ୍ରୀ ମୋଦୀ କହିଛନ୍ତି, ପି.ଏମ୍. କିଶାନ୍ ଯୋଜନା ଏବଂ ନମୋ ଶେତ୍‌କରି ଯୋଜନା ଅଧୀନରେ ରାଜ୍ୟର ଚାଷୀମାନେ ବର୍ଷକୁ ପ୍ରାୟ ୧୨ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପାଉଛନ୍ତି । ତେବେ ଏହି ବିଧାନସଭା ନିର୍ବାଚନରେ ମହାୟୁତି ମେଣ୍ଟ ଯଦି ପୁନଶ୍ଚ କ୍ଷମତାକୁ ଫେରେ ତେବେ ଏହି ଆର୍ଥିକ ସହାୟତା ପରିମାଣ ୧୫ ହଜାର ଟଙ୍କାକୁ ବୃଦ୍ଧି କରାଯିବ ବୋଲି ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି ।

ଏହାଛଡ଼ା ଚାଷୀଙ୍କ କଲ୍ୟାଣକୁ ଦୃଷ୍ଟିରେ ରଖି ଇଥାନଲ୍ ବ୍ଲେଣ୍ଡିଂ ଏବଂ ପିଆଜ କିଣିବା ପ୍ରସଙ୍ଗରେ ସରକାରଙ୍କ ପକ୍ଷରୁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ଶ୍ରୀ ମୋଦୀ ଆଲୋକପାତ କରିଛନ୍ତି । ଅନ୍ୟ ପକ୍ଷରେ

ଅଟଳ ସେତୁ, ଭାଦବନ ବନ୍ଦର, ସମୃଦ୍ଧି ମହାମାର୍ଗ ଏବଂ ମୁମ୍ବାଇ ମେଟ୍ରୋ ଭଳି ସରକାରଙ୍କ ପକ୍ଷରୁ କରାଯାଇଥିବା ଢାଞ୍ଚାଗତ ପ୍ରକଳ୍ପ ଗୁଡ଼ିକର ସଫଳତା ଉପରେ ମଧ୍ୟ ଏହି ଅବସରରେ ପ୍ରଧାନମନ୍ତ୍ରୀ ଜନସାଧାରଣଙ୍କୁ ଅବଗତ କରାଇଛନ୍ତି ।

## ମହା-ଅମିତ ଶାହା

ବରିଷ୍ଠ ବିଜେପି ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ମହାରାଷ୍ଟ୍ରର ସାଙ୍ଗଲି ଜିଲ୍ଲା ଅନ୍ତର୍ଗତ ଶିରାଲା ଠାରେ ମହାୟୁତି ମେଣ୍ଟ ପ୍ରାର୍ଥୀଙ୍କ ସପକ୍ଷରେ ଆୟୋଜିତ ଏକ ଜନସଭାକୁ ସମ୍ବୋଧନ କରିଛନ୍ତି । ସେ କହିଛନ୍ତି, ମହାରାଷ୍ଟ୍ରର ମହାୟୁତି ସରକାର ଛତ୍ରପତି ଶିବାଜୀ ମହାରାଜାଙ୍କର କର୍ମ ଓ ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବା ସହିତ ଭାରତର ଐତିହ୍ୟ ଓ ସଂସ୍କୃତିକୁ ସୁରକ୍ଷା ଦେବା ଦିଗରେ ସମ୍ପୂର୍ଣ୍ଣ ପ୍ରତିବଦ୍ଧ । ମହାୟୁତି ମେଣ୍ଟ ପକ୍ଷରୁ କରାଯାଇଥିବା ସମସ୍ତ ନିର୍ବାଚନୀ ପ୍ରତିଶ୍ରୁତି ଇତିମଧ୍ୟରେ ପୂରଣ ହୋଇଥିବା ରାଜ୍ୟବାସୀ ଅନୁଭବ କରିସାରିଛନ୍ତି । ତେବେ ବିରୋଧୀ ଦଳ ଦେଇଥିବା ବିଭିନ୍ନ ପ୍ରତିଶ୍ରୁତି ପାଳନ କରିବାରେ ବିଫଳ ହୋଇଛି ବୋଲି ଶ୍ରୀ ଶାହା ଅଭିଯୋଗ କହିଛନ୍ତି । ତେଣୁ ଆଗାମୀ ନିର୍ବାଚନରେ ଜନସାଧାରଣ ବିଜେପି-

ଶିବସେନା-ଏନ୍.ସି.ପି. ମେଣ୍ଟକୁ ଭୋଟ୍ ଦେଇ ପୁନଃ କ୍ଷମତାସୀନ କରିବେ ବୋଲି ଶ୍ରୀ ଶାହା ଆଶାବ୍ୟକ୍ତ କରିଛନ୍ତି ।

ଅନ୍ୟ ପକ୍ଷରେ ଏନ୍.ସି.ପି.-ଏସ୍.ପି. ମୁଖ୍ୟ ଶରଦ ପାୱାର ମହାବିକାଶ ଅଘାଡ଼ି ପ୍ରାର୍ଥୀଙ୍କ ସପକ୍ଷରେ ୱାଧା ଠାରେ ପ୍ରଚାର କରିଛନ୍ତି । ସେହିଭଳି ଦଳର ନେତା ସୁପ୍ରିୟା ସୁଲେ ମଧ୍ୟ ପୁନେ ଠାରେ ଏବଂ ଜୟନ୍ତ ପାଟିଲ୍ ଚିପ୍ଲୁନ୍ ଠାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପୃଥକ ପୃଥକ ଭାବେ ପ୍ରଚାର କରିଛନ୍ତି ।

## ପାର୍ଲି ବିଧାନସଭା ନିର୍ବାଚନ ମଣ୍ଡଳୀ

ମହାରାଷ୍ଟ୍ର ଏବଂ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ପରିପ୍ରେକ୍ଷୀରେ ଆମେ ଶ୍ରୋତାମାନଙ୍କୁ ନିୟମିତ ଭାବେ ବିଭିନ୍ନ ନିର୍ବାଚନ ମଣ୍ଡଳୀ ସମ୍ପର୍କରେ ଅବଗତ କରାଇ ଆସୁଛୁ । ଏହି ଅବସରରେ ଆଜି ଆମେ ନଜର ପକାଇବା ମହାରାଷ୍ଟ୍ରର ବିଡ୍ ଜିଲ୍ଲା ଅନ୍ତର୍ଗତ ପାର୍ଲି ବିଧାନସଭା ନିର୍ବାଚନ ମଣ୍ଡଳୀ ଉପରେ । ସେଠାରେ ତିନି ଲକ୍ଷ ୩୫ ହଜାର ୯୫୪ ଜଣ ପଞ୍ଜିକୃତ ଭୋଟର ରହିଛନ୍ତି ।

୧୯୮୦ ମସିହାରୁ ଏହି ନିର୍ବାଚନ ମଣ୍ଡଳୀ ବିଜେପିର ଏକ ଦୁର୍ଗ ରହି ଆସିଛି । ସେଠାରୁ ଦଳୀୟ ନେତା ଗୋପୀନାଥ ମୁଣ୍ଡେ ବିଜୟୀ ହୋଇଥିଲେ । ୨୦୦୯ ସାଧାରଣ ନିର୍ବାଚନରେ ଶ୍ରୀ ମୁଣ୍ଡେ ଜାତୀୟ ରାଜନୀତିରେ ପ୍ରବେଶ କରିବା ପରେ ତାଙ୍କର ଝିଅ ପଙ୍କଜା ମୁଣ୍ଡେ ଏହି

ନିର୍ବାଚନ ମଣ୍ଡଳୀରୁ ପ୍ରତିନିଧିତ୍ୱ କରିଥିଲେ । ତେବେ ୨୦୧୯ ନିର୍ବାଚନରେ ପଙ୍କଜା ତାଙ୍କର ସମ୍ପର୍କୀୟ ଭାଇ ନ୍ୟାସ୍‌ନାଲିଷ୍ଟ କଂଗ୍ରେସର ଧନଞ୍ଜୟ ମୁଣ୍ଡେଙ୍କ ଠାରୁ ପରାସ୍ତ ହୋଇଥିଲେ । ଚଳିତ ନିର୍ବାଚନରେ ଧନଞ୍ଜୟ ମହାୟୁତି ମେଣ୍ଟ ପକ୍ଷରୁ ସେଠାରେ ପ୍ରାର୍ଥୀ ହୋଇଛନ୍ତି । ଏହାଛଡ଼ା ଗତ ୪ ଦଶନ୍ଧି ପରେ ପ୍ରଥମଥର ଲାଗି ଏହି ନିର୍ବାଚନର ବ୍ୟାଲଟ୍‌ରେ ବିଜେପିର ପଦ୍ମଚିହ୍ନ ସ୍ଥାନ ପାଇବ ନାହିଁ । ସେଠାରେ ବିଜେପି ମହାୟୁତି ମେଣ୍ଟରେ ସାମିଲ ହୋଇଛି । ବେରୋଜଗାରୀ, ଜଳସେଚନ ଓ କୃଷି ଉତ୍ପାଦର ଉଚିତ୍ ମୂଲ୍ୟାୟନ ଆଦି ସମସ୍ୟା ସେଠାରେ ମୁଖ୍ୟ ନିର୍ବାଚନୀ ପ୍ରସଙ୍ଗ ଭାବେ ଉଭା ହୋଇଛି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

## ଝାଡ଼ଖଣ୍ଡ-ବିଧାନସଭା ନିର୍ବାଚନ

ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁ ଯାଉଛି । ୮୧ ଆସନ ବିଶିଷ୍ଟ ଏହି ବିଧାନସଭା ଲାଗି ଆସନ୍ତା ୧୩ ତାରିଖ ଦିନ ପ୍ରଥମ ପର୍ଯ୍ୟାୟ ଏବଂ ୨୦ ତାରିଖ ଦିନ ଦ୍ୱିତୀୟ ପର୍ଯ୍ୟାୟ ମତଦାନ କରାଯିବ ।

ଏହି ଅବସରରେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ସେଠାରେ ପ୍ରଚାର କାର୍ଯ୍ୟ ଜୋର୍‌ଦାର କରାଯାଇଛି । ବିଜେପିର ଝାଡ଼ଖଣ୍ଡ ନିର୍ବାଚନ

ଦାୟିତ୍ୱରେ ଥିବା ଶିବରାଜ ସିଂହ ଚୌହାନ ଆଜି ମନହରପୁର ଠାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଏକ ନିର୍ବାଚନୀ ସଭାକୁ ସମ୍ବୋଧନ କରିଥିଲେ । ଅନ୍ୟ ପକ୍ଷରେ କଂଗ୍ରେସ ନେତା ରାହୁଲ ଗାନ୍ଧି ସିମ୍‌ଡେଗା ଠାରେ ଇଣ୍ଡି ମେଣ୍ଟ ପ୍ରାର୍ଥୀ ସପକ୍ଷରେ ପ୍ରଚାର କରି କହିଛନ୍ତି, ଏହି ବିଧାନସଭା ନିର୍ବାଚନ ମୁଖ୍ୟତଃ ଦୁଇ ଦଳ ମଧ୍ୟରେ ହେଉଛି । ଗୋଟିଏ ଦଳ ଭାରତର ସମ୍ବିଧାନକୁ ସୁରକ୍ଷା ଦେବା ଲାଗି ପ୍ରୟାସ ଜାରି ରଖିଥିବା ବେଳେ ଅନ୍ୟଟି ଏହାକୁ ସମାପ୍ତ କରିବାରେ ଲାଗି ପଡ଼ିଛି ବୋଲି ଶ୍ରୀ ଗାନ୍ଧି କହିଛନ୍ତି ।

ଏଥିସହିତ କେରଳର ଓ୍ୱାୟାନାଡ୍ ଏବଂ ମହାରାଷ୍ଟ୍ରର ନାନ୍‌ଦେଦ୍ ଲୋକସଭା ଆସନ ସମେତ ବିଭିନ୍ନ ରାଜ୍ୟର ୪୮ଟି ବିଧାନସଭା ଆସନ ଲାଗି ଉପନିର୍ବାଚନ ନିମନ୍ତେ ମଧ୍ୟ ପ୍ରଚାର କାର୍ଯ୍ୟ ସରଗରମ ହୋଇଛି ।

## ଆଦି ମହୋତ୍ସବ

ଦେଶରେ ଜନଜାତି ବର୍ଗର ଲୋକଙ୍କ କଲ୍ୟାଣ ଲାଗି ଚଳିତ ଆର୍ଥିକ ବର୍ଷ ସାଢ଼େ ତିନି ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ୍ ଓରାମ୍ କହିଛନ୍ତି । ଆଜି ଗୌହାଟୀ ଠାରେ ପୂର୍ବୋତ୍ତର ଆଦି ମହୋତ୍ସବକୁ ଉଦ୍‌ଘାଟନ କରିବା ଅବସରରେ ସେ ଏହା

କହିଛନ୍ତି । ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ଏବଂ ଟ୍ରାଇଫେଡ୍ ଦ୍ୱାରା ମିଳିତ ଭାବେ ଏହି ୮ ଦିନିଆ ଜାତୀୟ ସ୍ତରୀୟ ମହୋତ୍ସବ ଆୟୋଜିତ ହୋଇଛି । ଆଦିବାସୀ କଳା ସଂସ୍କୃତି, କାରିଗରୀ ଓ ଅର୍ଥନୀତିକୁ ପ୍ରୋତ୍ସାହନ ଦେବା ହେଉଛି ଏହି ଜନଜାତି ମହୋତ୍ସବର ମୁଖ୍ୟ ଉଦ୍ଦେଶ୍ୟ ।

ଏହି ମହୋତ୍ସବର ଉଦ୍‌ଘାଟନୀ ସମାରୋହରେ ଉଦ୍‌ବୋଧନ ଦେଇ ଶ୍ରୀ ଓରାମ୍ କହିଛନ୍ତି, ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ଜନଜାତି ବର୍ଗର ଲୋକଙ୍କ କଲ୍ୟାଣ ଲାଗି ତ୍ୱରିତ ବେଗରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ କରୁଛି । ଏଥିଲାଗି ବଜେଟ୍‌ରେ ବ୍ୟୟବରାଦ ମଧ୍ୟ ଯଥେଷ୍ଟ ବୃଦ୍ଧି କରାଯାଇଛି । ଜନଜାତି ବହୁଳ ଅଞ୍ଚଳର ବିକାଶ ଲାଗି ସମ୍ପୃକ୍ତ ଅଞ୍ଚଳରେ ୨୫ ହଜାର କିଲୋମିଟର ସଡ଼କ ନିର୍ମାଣ କରାଯିବ ବୋଲି ଶ୍ରୀ ଓରାମ୍ ସୂଚନା ଦେଇଛନ୍ତି । ଆସନ୍ତା ମାସ ୧୫ ତାରିଖ ଦିନ ଶେଷ ହେବାକୁ ଥିବା ଏହି ମହୋତ୍ସବରେ ବିଭିନ୍ନ ଆଦିବାସୀ କଳା, ପାରମ୍ପରିକ ଔଷଧ, କାରିଗରୀ ପ୍ରଦର୍ଶିତ ହେବା ସହିତ ସେମାନଙ୍କର ସମୃଦ୍ଧ ପାରମ୍ପରିକ ସଂସ୍କୃତି ଓ ଲୋକନୃତ୍ୟ ମଧ୍ୟ ପ୍ରଦର୍ଶିତ ହେଉଛି । ଏଥିରେ ୧୩ଟି ରାଜ୍ୟର ଆଦିବାସୀ କଳାକାର ଓ କାରିଗର ଅଂଶଗ୍ରହଣ କରିଛନ୍ତି । ଏହି ଅବସରରେ ଆଦିବାସୀ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଦୁର୍ଗାଦାସ ଉଇକେଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

# ଆର୍ମି ଚିଫ୍

ସ୍ଥଳ ସେନା ମୁଖ୍ୟ ଜେନେରାଲ୍ ଉପେନ୍ଦ୍ର ଦ୍ୱିବେଦୀ ଆଜି ପଞ୍ଚକୁଲାରେ ଥିବା ପଶ୍ଚିମାଞ୍ଚଳ କମାଣ୍ଡର ମୁଖ୍ୟାଳୟ ପରିଦର୍ଶନ କରିବା ସହିତ କମାଣ୍ଡ ର ବିଭିନ୍ନ କାର୍ଯ୍ୟ ଶୈଳୀର ସମୀକ୍ଷା କରିଛନ୍ତି । ଏହି ଅବସରରେ ବରିଷ୍ଠ ସେନା ଅଧିକାରୀମାନେ କମାଣ୍ଡ ପକ୍ଷରୁ ସେଠାରେ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଜେନେରାଲ୍ ଦ୍ୱିବେଦୀଙ୍କୁ ଅବଗତ କରାଇଛନ୍ତି । ଏହି ଅବସରରେ ଜେନେରାଲ୍ ଦ୍ୱିବେଦୀ' ସେନାକୁ ସଶକ୍ତ କରିବା ତଥା ଆଧୁନିକୀକରଣ ଲାଗି ନିଆଯାଉଥିବା ପଦକ୍ଷେପ ଏବଂ ଉନ୍ନତ ଧରଣର ଯୁଦ୍ଧାସ୍ତ୍ର ଉପଲବ୍ଧ କରାଇବା ଦିଗରେ ବିଭିନ୍ନ ରଣନୈତିକ ସଂସ୍କାରମୂଳକ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଛନ୍ତି । ଏତଦ୍‌ବ୍ୟତୀତ ବିଶ୍ୱସ୍ତରୀୟ ଭୂ-ରାଜନୈତିକ ସ୍ଥିତି ସମ୍ପର୍କରେ ଅବଗତ ହେବା ସହିତ ଯେକୌଣସି ପ୍ରକାର ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହେବା ଲାଗି ଭାରତୀୟ ସେନାକୁ ସର୍ବଦା ପ୍ରସ୍ତୁତ ରଖିବା ଲାଗି ସେନାଧ୍ୟକ୍ଷ' ବରିଷ୍ଠ ସେନା ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି ।

# ଜେକେ-ସର୍ଚ୍ଚ ଅପରେସନ୍

ଜାମ୍ମୁ କାଶ୍ମୀରରେ ଗତକାଲି ସନ୍ତ୍ରାସବାଦୀଙ୍କ ଗୁଳିରେ ପ୍ରାଣ ହରାଇଥିବା ଦୁଇ ଜଣ ଗ୍ରାମରକ୍ଷୀଙ୍କ ଶରୀର ଆଜି କିସ୍ତ୍‌ୱାରା ଜିଲ୍ଲାର ଏକ

ଛୋଟ ନଦୀ ନିକଟରେ ମିଳିଛି । ଏହି ହତ୍ୟା ଲାଗି ଦାୟୀ ସନ୍ତ୍ରାସବାଦୀଙ୍କୁ ଧରିବା ଉଦ୍ଦେଶ୍ୟ ସମ୍ପୃକ୍ତ ଅଞ୍ଚଳକୁ ସୁରକ୍ଷା କର୍ମୀଙ୍କ ପକ୍ଷରୁ ଘେରଉ କରାଯିବା ସହିତ ସର୍ଚ୍ଚ ଅପରେସନ୍  ଜାରି ରହିଛି ।

## ବ୍ୟାଡ୍‌ମିଣ୍ଟନ

କୋରିଆ ମାଷ୍ଟର୍ସ୍ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟରେ ଭାରତର କିରନ୍ ଜର୍ଜ ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି । ଦକ୍ଷିଣ କୋରିଆର ଇକ୍‌ସାନ୍ ଠାରେ ଆଜି ଅନୁଷ୍ଠିତ କ୍ୱାର୍ଟର ଫାଇନାଲ୍‌ରେ କିରନ ଜାପାନ୍‌ର ତାକୁମା ଓବାୟାଶିଙ୍କୁ ସିଧାସଳଖ ୨୧-୧୪ ଓ ୨୧-୧୬ ସେଟ୍‌ରେ ପରାସ୍ତ କରିଛନ୍ତି । ଆସନ୍ତାକାଲି ଭାରତୀୟ ସମୟ ପୂର୍ବାହ୍ନ ୧୧ଟା ୫୦ ମିନିଟ୍‌ରେ ଅନୁଷ୍ଠିତ ହେବାକୁ ଥିବା ସେମିଫାଇନାଲ୍‌ରେ କିରନ୍ ଥାଇଲାଣ୍ଡର କୁନ୍‌ଲା-ଭୁଟ୍ ଭିତିଦ୍-ସାର୍ଣ୍ଣ୍‌ଙ୍କୁ ଭେଟିବେ ।

## କ୍ରିକେଟ୍-ଟି-ଟ୍ୱେଣ୍ଟି

ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ହେବାକୁ ଥିବା ୪ ମ୍ୟାଚ୍ ବିଶିଷ୍ଟ ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ କ୍ରିକେଟ୍ ଶୃଙ୍ଖଳାର ପ୍ରଥମ ମ୍ୟାଚ୍ ଆଜି କିଙ୍ଗସ୍ ମିଡ୍ ଠାରେ ଖେଳାଯିବ । ଭାରତୀୟ ସମୟ ରାତି ୮ଟା ୩୦

ମିନିଟ୍‌ରେ ମ୍ୟାଚ୍ ଆରମ୍ଭ ହେବ । ସୂର୍ଯ୍ୟ କୁମାର ଯାଦବଙ୍କ ନେତୃତ୍ୱରେ ଭାରତୀୟ ଟିମ୍ ୪ଟି ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ ମ୍ୟାଚ୍ ଖେଳିବା ଲାଗି ଦକ୍ଷିଣ ଆଫ୍ରିକା ଗସ୍ତ କରିଛି ।

ଏହି ଶୃଙ୍ଖଳାର ଦ୍ୱିତୀୟ ମ୍ୟାଚ୍ ଆସନ୍ତା ରବିବାର ଦିନ ସେଣ୍ଟଜର୍ଜ ପାର୍କରେ ଖେଳାଯିବ । ସେହିପରି ସେଞ୍ଚୁରିୟାନ୍‌ରେ ତୃତୀୟ ଏବଂ ଜୋହାନ୍ସବର୍ଗରେ ଚତୁର୍ଥ ମ୍ୟାଚ୍ ଖେଳାଯିବ ।